# ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ପାପଡାହାଣ୍ଡି, ୧୦।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ଜମିରେ କାମ କରିବାବେଳେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗ୍ରାମର ଶେଖର ଭତରା। ଶେଖର ଜମିକୁ ଘାସ କାଟିବାକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଥିଲା। ସେ ଗୁରୁତର ଅବସ୍ଥାରେ ଆସି ଘର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ତାଙ୍କର ଦେଶୀ ଚିକିତ୍ସା କରାଇଥିଲେ। ସ୍ଥାନୀୟ ସରପଞ୍ଚ ଜଗତ ଜୀବନ ନାୟକ ଏହା ଦେଖି ଶୀଘ୍ର ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ଅପରାହ୍ନ ୪ଟାରେ ଶେଖରଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କେସ୍ ନମ୍ବର ୯/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ଅନାଥ, ଏକକ ମାତାପିତା ଥିବା ଶିଶୁଙ୍କୁ ଥଇଥାନ ନିର୍ଦ୍ଦେଶ

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୦।୧୦ (ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ ଗୃହରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାର ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ବିଭାଗଗୁଡିକ ଉତ୍ତମ ସମ୍ପର୍କ ରଖି ଶିଶୁଙ୍କୁ ସୁରକ୍ଷା ଦେବା ସହ ନବରଙ୍ଗପୁରକୁ ବାଲ୍ୟବିବାହମୁକ୍ତ କରିବାକୁ ଜିଲାପାଳ କହିଥିଲେ। ଜିଲାରେ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଥିବା ସମସ୍ତ ଅନାଥ ଶିଶୁ ଓ ଏକକ ମାତାପିତା ଥିବା ଶିଶୁଙ୍କ ଥଇଥାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

୩ ମାସ ମଧ୍ୟରେ ଜିଲାର ୧୦ ବ୍ଲକ୍‌ରେ ଶିଶୁ ମଙ୍ଗଳ କମିଟି କ୍ୟାମ୍ପ କୋର୍ଟ କରାଯାଇ ସମସ୍ତ ଅନାଥ ଶିଶୁ ଓ ଏକକ ମାତାପିତା ଥିବା ଶିଶୁଙ୍କୁ ବିଧିବଦ୍ଧ ଭାବରେ ଉପସ୍ଥିତ କରାଇବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ଜିଲାର ସମସ୍ତ ବ୍ଲକ୍ ଓ ୧୯୮ ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଓ ବାଲ୍ୟବିବାହ ଟାସ୍କଫୋର୍ସ ଗଠନ ହୋଇଥିବା ସୂଚନା ଦେଇଥିଲେ। ଏକ ଯୋଜନା ପ୍ରସ୍ତୁତି କରାଯାଇ ଗ୍ରାମଗୁଡିକରେ ସଚେତନ କରାଯାଉଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କହିଛନ୍ତି। ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ସମାପ୍ତ ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆକ୍ସନଏଡ୍ ସଂସ୍ଥା ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଉପସ୍ଥାପନା କରିଥିଲେ। ବୈଠକରେ ସିଡିଏମ୍‌ଓ ଡା. ମଳୟ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଶ୍ରମଧିକାରୀ ଛୋଟ ରାୟ ଟୁଡୁ, ଜିଲା ଶାରୀରିକ ଶିକ୍ଷକ ପ୍ରଭାତ ପଟ୍ଟନାୟକ, ଜିଲାର ସମସ୍ତ ସିଡିପିଓ ତଥା ବାଲ୍ୟବିବାହ ଅଧିକାରୀ, ଚାଇଲ୍ଡ ଲାଇନ ଜିଲା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୫୦ରୁ ଊର୍ଦ୍ଧ୍ୱ ଗୋରୁ ଜବତ, ଗାଡ଼ି ଛାଡ଼ି ଡ୍ରାଇଭର ଚମ୍ପଟ

## ଗୋ ଚାଲାଣ ରୋକିଲା ପୋଲିସ

ନନ୍ଦାହାଣ୍ଡି,୧୦।୧୦ (ପ୍ରଦୀପ କୁମାର ଦାଶ)

ରାତ୍ରକାଳୀନ ପାଟ୍ରୋଲିଂବେଳେ ନବରଙ୍ଗପୁର ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସେଥିରେ ୫୦ରୁ ଊର୍ଦ୍ଧ୍ୱ ଗୋରୁ ଥିଲେ। ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନାନୁଯାୟୀ, ନବରଙ୍ଗପୁର ଥାନା ଅଧୀନ ତାରାଗାଁ ଓ ନବରଙ୍ଗପୁର ମୁଖ୍ୟ ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିଲା। ବୁଧବାର ଭୋରରୁ ଏକ ୧୦ ଚକିଆ ଗାଡ଼ି ଯାଉଥିବା ଦେଖି ପୋଲିସର ସନ୍ଦେହ ହେବାରୁ ତାହାକୁ ଅଟକାଇଥିଲା। ଗାଡ଼ି ଯାଞ୍ଚବେଳେ ୫୦ରୁ ଊର୍ଦ୍ଧ୍ୱ ଗୋରୁ ସେଥିରେ ଥିବା ଜଣାପଡ଼ିଥିଲା। ଥାନା ଏସ୍‌ଆଇ ଦେବାଶିଷ ସାହୁ ଗାଡ଼ି ଜବତ କରି ଗୋରୁଙ୍କୁ ଉଦ୍ଧାର କରିଥିଲେ। ପୋଲିସକୁ ଦେଖି ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଅନ୍ୟ ଡ୍ରାଇଭରଙ୍କ ସହାୟତାରେ ଗାଡ଼ିକୁ ନନ୍ଦହାଣ୍ଡି ବ୍ଲକ ସରୁଗୁଡ଼ାସ୍ଥିତ ଗୋବିନ୍ଦାଳୟ ଗୋଶାଳା ଜିମା ଦିଆଯାଇଛି। ଏ ନେଇ ଥାନାରେ ୩୯୭/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ତଦନ୍ତ ଚାଲିଥିବା ଥାନାଧିକାରୀ ସସ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି।


ଗୋରୁମାନଙ୍କୁ ଗୋଶାଳାକୁ ନିଆଯାଉଛି।

# ଅଜଣା ରୋଗରେ ପୀଡ଼ିତ ନାବାଳିକା

## ଚିକିତ୍ସା ପାଇଁ ସହାୟତା ଦାବି

ଦଶମନ୍ତପୁର,୧୦।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଅଧିନସ୍ଥ ଉପର ଗଦଲା ଗ୍ରାମର ୧୬ ବର୍ଷୀୟା ସାଗରିକା ଅଜଣା ଫୁଲାରୋଗରେ ପୀଡିତ। ଉପର ଗଦଲା ଗ୍ରାମର ଭୀମ ମୁଦୁଲିଙ୍କ ପରିବାର କହିଲେ ସ୍ତ୍ରୀ ଓ ଦୁଇ ପୁଅଝିଅ। ଅଜଣା ରୋଗରେ ପୀଡିତ ଝିଅଙ୍କ ଚିକିତ୍ସା ପାଇଁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି କୋରାପୁଟ ଜିଲା ଚିକିତ୍ସାଳୟରେ ଚିକିତ୍ସା କରାଇ ନିରାଶ ହୋଇଛନ୍ତି। ସାଗରିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଅର୍ଥ ଅଭାବରୁ ସାଗରୀକାଙ୍କୁ ନିଜ ଘରେ ହିଁ ଚେରମୂଳି ଔଷଧରେ ଚିକିତ୍ସା କରାଯାଉଥିବା ନଜରକୁ ଆସିଛି। ସାଗରୀକାଙ୍କୁ ୧୦ ବର୍ଷ ହେବା ମାତ୍ରେ ଦେହ ହାତ ଗୋଡ ଫୁଲିବା ଆରମ୍ଭ ହୋଇଥିଲା। ମା'ସବିତା ମୁଦୁଲି ନିଜ ରୋଗୀଣା ଝିଅ ସାଗରିକାଙ୍କ ସେବା କରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ସାଗରିକାଙ୍କ ଉତ୍ତମ ଚିକିତ୍ସା ପାଇଁ ସହାୟତା କରନ୍ତୁ ବୋଲି ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି।


ସାଗରିକା ମୁଦୁଲି।

# ପୂର୍ବ ବର୍ଷଠାରୁ ଅଧିକ ସଭ୍ୟ ସଂଗ୍ରହ ଲକ୍ଷ୍ୟ


କାର୍ଯ୍ୟକ୍ରମରେ ବିଜେଡି ନେତୃ ମଣ୍ଡଳୀ।

## ଜିଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ନବରଙ୍ଗପୁର,୧୦।୧୦ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ବିଜୁ ଜନତା ଦଳ ପକ୍ଷରୁ ସାଇ କଲ୍ୟାଣ ମଣ୍ଡପରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝୀ ପ୍ରଥମ ସଦସ୍ୟତା ଗ୍ରହଣ କରିବା ସହ ସମସ୍ତ ୪ ନିର୍ବାଚନମଣ୍ଡଳୀରେ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାରେ ସଙ୍ଗଠନ ସୁଦୃଢ଼ ରହିଛି। ପୂର୍ବଥର ଅପେକ୍ଷା ଚଳିତ ଥର ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯିବା ଲକ୍ଷ୍ୟ ରଖାଯାଇଛି । ସଦସ୍ୟତା ଗ୍ରହଣରେ ରାଜ୍ୟରେ ନବରଙ୍ଗପୁର ଜିଲା ଉତ୍ତମ ସ୍ଥାନ ମଧ୍ୟରେ ରଖିବାକୁ ଚେଷ୍ଟା କରାଯିବ ବୋଲି ଜିଲା ସଭାପତି ମାଝୀ, ପୂର୍ବତନ ଏମ୍‌ପି ତଥା ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ମାଝୀ ଏବଂ ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର , କନକ ମଞ୍ଜରୀ ବିଷୋୟୀ, ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, କାଉନସିଲର ପି. କେଶବ ରାଜୁ, ଅଲେଖ ସଉରା, ରାମ ହରିଜନ, ଏମ୍. ରାଜେଶ୍ୱରୀ, ସନ୍ତୋଷୀ ଜାନୀ, ଗୀତାଞ୍ଜଳି ଯାଦବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝୀ , ଅବିଭକ୍ତ କୋରାପୁଟ ଜିଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଜିଲା ବିଜେଡି ଉପସଭାପତି ମିଟୁ ପାତ୍ର, ରବି ପଟ୍ଟନାୟକ, ମହମ୍ମଦ ତାଜ୍‌ଉଦ୍ଦିନ, ସମ୍ପାଦକ ମଣ୍ଟୁ ପଟ୍ଟନାୟକ, ଭୀମ ହରିଜନ, ନଗର ବିଜେଡି ସଭାପତି ପ୍ରମୋଦ ରଥ ପ୍ରମୁଖଙ୍କ ସମେତ ଅନେକ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଟ୍ରକ୍‌କୁ ପଛରୁ ପିଟିଲା କାର, ୩ ଗୁରୁତର

ଉମରକୋଟ, ୧୦।୧୦(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ-ରାଇଘର ରାସ୍ତାର ବେହେଡ଼ାରେ ଏକ ଟ୍ରକ୍‌କୁ କାର୍ ପଛପଟରୁ ଧକ୍କା ଦେବାରୁ ୩ ଜଣ ଗୁରୁତର ଅଛନ୍ତି। ସେମାନେ ହେଲେ ଛତିଶଗଡ଼ ଅମ୍ବିକାପୁର ଥାନା ଶେରଗଡ଼ ଗ୍ରାମର ଦୀପିକା କେରକେଟା (୨୯), ଅସିମ ତିକା (୨୬) ଓ ଜେସି କେରକେଟା (୩୫)।

ଛତିଶଗଡ଼ ଅଞ୍ଚଳ ଅମ୍ବିକା ପୁରଥାନା ଶେରଗଡ଼ ଗ୍ରାମର ୫ ଜଣ କାର (ଜେଏଚ୍-୦୧ଇଜି- ୩୩୯୧) ବିଶାଖାପାଟଣାକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ କୁହୁଡି ଥିବା ଯୋଗୁ ଗାଡ଼ି ଚାଳକ ରାସ୍ତା ଜାଣି ନ ପାରି ବେହେଡ଼ାଠାରେ ଛିଡ଼ା ହୋଇ ରହିଥିବା ଏକ ମାଲ ବୋଝେଇ ଟ୍ରକ୍ (ସିଜି-୦୪ଏଲ୍‌ଡି-୭୦୧୩)କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ କାର୍‌ରେ ଥିବା ଦୀପିକା, ଅସୀମ ଓ ଜେସି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦିପିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଖବରପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ କାରକୁ ଜବତ କରି ଥାନାରେ ରଖିଛି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଆଇନ ସଚେତନତା ଶିବିର

ନବରଙ୍ଗପୁର, ୧୦।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ଓ ଜିଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଛି। ଜିଲା ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସାଇ ଅଭିସ୍ନା ଗୋଛାୟତ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେଓ୍ୱାନୀ ଜଜ୍ ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ସିଡିଏମ୍‌ଓ ଡକ୍ଟର ମଳୟ କୁମାର ତ୍ରିପାଠୀ, ଡକ୍ଟର ନବକିଶୋର ବେହେରା, ମନୋରମା ମାଝି, ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ। ଅତିଥିମାନେ ବିଭିନ୍ନ ଆଇନ ବିଷୟ ନେଇ ସମସ୍ତଙ୍କୁ ସଚେତନ କରିଥିଲେ। ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।


ଶିବିରରେ ଅତିଥି ଓ ଅନ୍ୟମାନେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୟପୁର,୧୦।୧୦(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସଭା ଗୃହରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ଦିଲୀପ ବିଶ୍ୱାଳ,ଡାକ୍ତର ଜଗଦିଶ ବେହେରା ଓ ଡାକ୍ତର ଅରବିନ୍ଦ ନେପାକ,ହସ୍ପିଟାଲ ମ୍ୟାନେଜର ରୂପସୀ ମଧୁମିତା ନାୟକ ଓ ତଥାଗତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲିନିକାଲ ସାଇକୋଲୋଜିଷ୍ଟ ସମୀକ୍ଷା ସାହୁ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ରୋଗରୁ ମୁକ୍ତି ପାଇବା ଉପାୟଗୁଡ଼ିକ ବିଷୟରେ କହିଥିଲେ। ମାନସିକ ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର ମାନସିକ ଅଶାନ୍ତିରୁ ନିଜକୁ ଦୂରେଇ ରଖିବା କୌଶଳ ବର୍ଣ୍ଣନା କରିଥିଲେ। ବୈଠକରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରିରୁ ୬୦ ସିଏଚ୍‌ଓ, ହସ୍ପିଟାଲର କର୍ମଚାରୀ ଓ ଏଏନ୍‌ଏମ୍ ଛାତ୍ରୀମାନେ ଉପସ୍ଥିତ ଥିଲେ।


ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଉପସ୍ଥିତ ଡାକ୍ତର ଓ ଛାତ୍ରୀମାନେ ।

# ଡାବୁଗାଁରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା

ଡାବୁଗାଁ, ୧୦।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପରେ ଗୁରୁବାର ମା ଦୁର୍ଗାଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ଚକ୍ଷୁଦାନ ସହ ମାଁଙ୍କୁ ଆବାହନ କରାଯାଇ ସପ୍ତମୀ ପୂଜା ହୋଇଥିଲା। ମୁଖ୍ୟ ପୂଜକ ଶିବପ୍ରସାଦ ପଣ୍ଡାଙ୍କ ସହ ସହଯୋଗୀ ଯୁଗଳ କିଶୋର ପାଢ଼ୀ, ଶାନ୍ତନୁ କୁମାର ପାତ୍ର, ସୁନୀଲ କୁମାର ରଥ ଓ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଅନ୍ୟ ପୂଜକମାନେ ପୂଜାରେ ସହାୟତା କରୁଛନ୍ତି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଡାବୁଗାଁ ସହର ଝଲସୁଛି। ପୂଜା ଦେଖିବା ପାଇଁ ଅପରାହ୍ନରୁ ଭକ୍ତଙ୍କ ଗହଳି ଲାଗିଛି। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଛି।

# ଜୟପୁର ଝିଅ ରାଜ୍ୟରେ ଦ୍ୱିତୀୟ

## ଜାତୀୟସ୍ତରୀୟ ଢାଇ ଅକ୍ଷର ପ୍ରତିଯୋଗିତା

ଜୟପୁର,୧୦।୧୦(ପବନ ପାଣିଗ୍ରାହୀ)

ଜାତୀୟ ଡାକ ଦିବସରେ କୋରାପୁଟ ଡାକ ମଣ୍ଡଳରେ ଜାତୀୟସ୍ତରୀୟ ଢାଇ ଅକ୍ଷର ପତ୍ରଲିଖନୀ ପ୍ରତିଯୋଗିତା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। 'ଡିଜିଟାଲ ଯୁଗରେ ପତ୍ର ଲିଖନର ଅପୂର୍ବ ଆନନ୍ଦ' ବିଷୟକୁ ନେଇ ଡାକ ମଣ୍ଡଳ ଅଧୀକ୍ଷକଙ୍କ ଦ୍ୱାରା ଚଳିତ ବର୍ଷ ପତ୍ରଲିଖନ ପ୍ରତିଯୋଗିତା ହୋଇଥିଲା। ଜୟପୁରର ପ୍ରକାଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କୋରାପୁଟ ମଣ୍ଡଳ ଅଧୀକ୍ଷକ ମାନପତ୍ର ଓ ୧୦ ହଜାର ଟଙ୍କା ପୁରସ୍କାର ଦେଇଛନ୍ତି। ବୈପାରିଗୁଡ଼ା ଝିଅ ହର୍ଷିତା କୃଷିଭିତ୍ତିକ ଜୈବ ବିବିଧତାର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଏଥିପାଇଁ ଜୁଏଲ ଅଫ୍ ଓଡ଼ିଶା,କୃଷକ ରତ୍ନ,ପ୍ରକୃତି ବନ୍ଧୁ,ଏଚ୍‌ଡିଏଫ୍‌ସି ଲାଇଫ ଆଇଡିଆ ୟଙ୍ଗ୍ ଷ୍ଟାର ୨୦୨୪,ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ, ୟଙ୍ଗ୍ ସିଡ୍ କଞ୍ଜରଭେଶନିଷ୍ଟ ପୁରସ୍କାର ପାଇଛନ୍ତି। ପିଲାଟି ଦିନରୁ ଜୈବିକ କୃଷିର ସୁରକ୍ଷାରେ ନିଜକୁ ସାମିଲକରି ନିଜ ଅଞ୍ଚଳର ୩୦ଜଣ ଝିଅଙ୍କୁ ଦେଶୀ ବିହନ ପ୍ରଦାନକରି ଚାଷ କରିବା ସହ ଆଗାମୀ ଦିନରେ ପରିବେଶର ସୁରକ୍ଷା ନିମନ୍ତେ ସଚେତନ କରୁଛନ୍ତି।



କୋରାପୁଟ ଡାକ ମଣ୍ଡଳ ଅଧିକାରୀ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

# ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା

କୋରାପୁଟ,୧୦।୧୦ (ଅମିତାଭ ବେହେରା)

କୋରାପୁଟ ସହର ବିଭିନ୍ନ ପୂଜା ମଣ୍ଡପରେ ଚଣ୍ଡିପାଠ ସହ ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମହାଅଷ୍ଟମୀରେ ପୂଜା ମଣ୍ଡପଗୁଡ଼ିକରେ ମଙ୍ଗଳ ଆରତୀ ଓ ଚଣ୍ଡିପାଠ କରାଯାଇଥିଲା। କୋରାପୁଟ ଓଏସଏପି ତୃତୀୟ ବାଟାଲିଆନ,ଡିଏନ୍‌କେସ୍ଥିତ ରବିନ୍ଦ୍ର ମଣ୍ଡପ,ଘରୋଇ ବସ ମାଲିକ ସଂଘ ଓ ଜିଲା ପୋଲିସ ବିଭାଗ ପକ୍ଷରୁ ଅଷ୍ଟମୀ ପୂଜା ପାଳନ କରାଯାଇଛି। ପୋଲିସ ପଡିଆରେ ଆୟୋଜିତ ଦୁର୍ଗା ପୂଜାରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଉପସ୍ଥିତରେ ଚଣ୍ଡିପାଠ ସହ ହୋମଯଜ୍ଞ ହୋଇଥିଲା। କୋରାପୁଟ- ଜୟପୁର ରୋଡ ଆଇଆରବି ପ୍ରଥମ ବାଟାଲିଆନ, ମଣ୍ଡଳକାରାଗାର, କୋରାପୁଟ ବ୍ୟବସାୟୀ ସଂଘ ଓ କୋରାପୁଟ ଶାବର ଶ୍ରୀକ୍ଷେତ୍ରର ମା'ବିମଳା ମନ୍ଦିରରେ ପୂଜା ହୋମ ଚାଲିଥିବା ବେଳେ ଗ୍ରାମଦେବୀ ମା'ମୁତ୍ୟାଲୁମା ଓ ମା'ବାଟମଙ୍ଗଳା ମନ୍ଦିରରେ ଅଷ୍ଟମୀ ପୂଜା ହୋଇଛି। ଦଶହରା ପୂଜା ଶାନ୍ତି ଶୃଙ୍ଖଳାରେ ଶେଷ କରିବା ପାଇଁ ବିଭିନ୍ନ ପୂଜା ମଣ୍ଡପ ଓ ସହରର ସମସ୍ତ ଛକରେ ପୋଲିସ ମୁତୟନ ହେବା ସହ ପେଟ୍ରୋଲିଂ ଏବଂ ଗାଡିମଟର ଯାଞ୍ଚକୁ କଡାକଡି କରାଯାଇଛି ।


କୋରାପୁଟର ବସ୍‌ମାଲିକ ସଂଘ ପୂଜା ।

